# ଦୀପ

## ଗାୟତ୍ରୀବାଳା ପଣ୍ଡା

ଯେ ଯୁଆଡ଼େ ଫେରିଗଲେଣି
ନଈତୁଠରୁ ।

ମତେ ବି ଫେରିଯିବାକୁ ହବ
ଟିକକପରେ ।

ଆଉ କାହାର
ଭୋକପାଇଁ
ଶୋଷପାଇଁ
ନିଦପାଇଁ
ପାଲଟିଯିବାକୁ ହବ ସାମଗ୍ରୀ ।

ଯାପରେ
ଟିକିଏ ଟିକିଏ ଜଳିବା କଥା
ରହିରହିକା
ନିରନ୍ଧ୍ର ଅଂଧାରୀ ଘରେ ।
ଯୋଉଠି ପବନ ପଶିବ ନାଇଁ
ଶବଦ ଶୁଭିବ ନାଇଁ
ଯୋଉଠି ଈଶ୍ୱରଙ୍କ ଛଡ଼ା
କାହାରି ଛାଇ ପଡ଼ିବ ନାଇଁ ।

ସେଇଠି
ଥରକର ଦପ୍‌କରି ଜଳିଉଠି
ଲିଭିନଯିବାର ଅଭିଶାପରେ
ଓତପ୍ରୋତ କରିଦବାକୁ ହବ
ସାମଗ୍ରିକତା ।

ଶୁଣ !
ଯିଏ ଯୋଉଠି ଅଛ
ଆଖପାଖରେ
ଅକସ୍ମାତ୍ କିଏ କେମିତି
ଯଦି ଲିଭାଇଦିଏ ନିଆଁଟିକକ
ନିଶାଭୋଳରେ
କି ପରାକ୍ରମରେ

ପୋଡ଼ାଗନ୍ଧକୁ ଭୟ ପାଉଥିବା
ଝିଅମାନଙ୍କୁ କହିବ

ଡରିବେ ନାହିଁ
ମାମୁଲି କଥା ଏସବୁ
ଖୁବ୍ ଛୋଟ
ଖୁବ୍ ସାଧାରଣ
ଖୁଉବ୍ ନଗଣ୍ୟ

ଇତିହାସର ଉଦାହରଣରେ
ପରଂପରାର ଦର୍ପଣରେ ।

**ଋଷିକେଶରେ ସନ୍ଧ୍ୟା**

**ଗାୟତ୍ରୀବାଳା ପଣ୍ଡା**

ମୁଁ ମାଗିପାରିଲି ନାହିଁ ଗଂଗାନଈକୁ
ମତେ ବି ଶିଖେଇଦେ
ବଂଚିବାର ଗୋଟେ କଳା
ଯାହାକୁ ମୁଁ ଡାକିପାରିବି ପୁଣ୍ୟ।

ମୋ ସାଂଗରେ ମୋର ସାଂଗସାଥି ଥିଲେ
ଥିଲା କଟକରୁ ବୋହିବୋହି ନେଇଥିବା
ଯୋଡ଼ାଏ ବ୍ୟାଗ୍।
ଆସିଲାବେଳେ ତରବରରେ
ବୋଉ ଗୁଂଜିଦେଇଥିବା
ଶାରଳା ଠାକୁରାଣୀଙ୍କ ପାଦୁକ, ସିନ୍ଦୂର ମଧ୍ୟ।

ମାଛର ଖାଇବା ପାଇଁ
କିଛି ଦାନା ପିଙ୍ଗିଲି ମୁଁ
ନିଜେ ସନ୍ତୁଷ୍ଟ ହେବାପାଇଁ
ତାକୁ ଡାକିଲି ଧର୍ମ

ଘରଲୋକଙ୍କ ପାଇଁ
ସ୍ୱେଟର କିଣିଲି।
ନିଜର ଖୁସିପାଇଁ
ତାକୁ ବି କହିପକେଇଲି କର୍ମ।

ଗ୍ରହରିଷ୍ଟ ଶାନ୍ତି ପାଇଁ
ଗୋଟେ ମୁଦି କିଣିଲି
ଆଠବର୍ଷର ବାଳକଠାରୁ
ତାକୁ ବୁଝିଲି ମନ।

ବାଟରେ ଆସିଲାବେଳେ
କିଏ ଜଣେ ପଚାରିଲା
ଆଉ କ'ଣ କିଣିଆ'ନ୍ତ କି
ଋଷିକେଶରୁ!

କାହାକୁ କହିବାର ସାହସ ନଥିଲା
ମୋର ଯେ
ଆମଭଳିଆ
ଗୁଡ଼ାଏ ଏଣୁତେଣୁ
ବକବକ୍ ହବାର ଅଭ୍ୟାସ
ନାହିଁ ଗଂଗାନଈର।

**ଖୁଉବ୍ ମାମୁଲି**

**ଗାୟତ୍ରୀବାଳା ପଣ୍ଡା**

ମୁଁ ଆସିଲାବେଳକୁ

ଖେଳ ସରିନଥିଲା ଗୁଣ୍ଡୁଚିର
ମଡ଼ା ଉଠିନଥିଲା ମାଟିରୁ
ନଈ ମିଶିନଥିଲା ସମୁଦ୍ରରେ।

ଯାହା ଯେମିତି ହବାର ଥିଲା
ହୋଇ ପାରିନଥିଲା
ପୃଥିବୀପୃଷ୍ଠରେ।

ସୁଖକୁ ଗୋଡ଼େଇ ଚାଲିଥିଲା
ଅଢ଼େଇ କିଆରିଆ ତିମ୍ପ
ଶାନ୍ତିକୁ ଗିଳି ଚାଲିଥିଲା
ଅଜଗରର ଭୋକ
ସମୃଦ୍ଧିକୁ ଉଠ୍‌ବସ୍ କରୁଥିଲା
ମହାକାଳର ଡାକ।

ଫେରିଆସିଲି ମୁଁ।

ଅଂଧ ପାଲଟିଯିବା ପୂର୍ବରୁ
ଥରେ ଦେଖିଦବାକୁ
ଆତ୍ମାର ଦର୍ପଣରେ ମୁହଁ

ମୂକ ପାଲଟିଯିବା ପୂର୍ବରୁ
ଥରେ ବଖାଣିଦବାକୁ
ଅସ୍ପଷ୍ଟ ବିକଳ କୋହ

ବଧିର ହବା ପୂର୍ବରୁ
ଥରେ ଶୁଣିନବାକୁ
ଆକାଂକ୍ଷା, ଅଭୀପ୍ସାର ମୋହ

ସେଇ ଲୋଭରେ
ଉଠିଆସିଲି ମୁଁ।

## ନଜିର

## ଗାୟତ୍ରୀବାଳା ପଣ୍ଡା

ବହୁତ କଥା ଜାଣିରଖିଚି ଇତିହାସ।

ସେଦିନ କେତେଲୋକ ଠୁଳ ହୋଇଥିଲେ
ଅଦାଲତରେ।
ମଝିରେ ଠିଆ ରହିଲା ଇତିହାସ
ଅନୁରୋଧ କରାଗଲା ତାକୁ
ତାଗିଦ୍ କରାଗଲା
ଧମକ୍ ବି ଦିଆଗଲା ଶେଷକୁ।

ତଥାପି ସ୍ଥିର
ତଥାପି ସ୍ଥାଣୁ
ତଥାପି ନିର୍ବିକାର ସେ
ନା ପାଟି ମେଲିଲା
ନା ଉଁ ଚୁଁ କିଛି ବି କହିଲା।

ଆଉଦିନେ ଲହୁଲୁହ ଏକାକାର କରି
ପହଂଚିଗଲା ସେ
ଯେବେ ଶେଷ ହୋଇଆସୁଥିଲା ଶୁଣାଣି
ଯେବେ ଦର୍ଶକବୃନ୍ଦ ଯେ ଯୁଆଡ଼େ
ତୟାର୍ ହେଉଥିଲେ ଉଠି ଚାଲିଯିବାକୁ
ଭିନ୍ନ ଭିନ୍ନ କାମର ଆଳରେ
ଗୋଟାଏ ବିକଟାଳ ରଡ଼ି ଛାଡ଼ିଲା ସେ।

ସ୍ତବ୍ଧ, ଚକିତ ସଭିଏଁ
ଆମୂଳଚୂଳ ବଖାଣିଚାଲିଲା
ଯାହାଯାହା ଲୁଚେଇ ରଖିଥିଲା ସେ
ବର୍ଷବର୍ଷର ଅନ୍ତିମୁଣାରେ।

ତଥାପି ବଦଳିଲାନି ଶୁଣାଣି।

ତାକୁ ଜଣାଥିଲା
ସୃଷ୍ଟି ପ୍ରଳୟ ହେଲେ ବି
ଆଇନ୍ ତା’ ବାଟରେ ଯିବ
ସାକ୍ଷ୍ୟ ତା’ ବାଟରେ।

ଇତିହାସକୁ କ୍ଷଣକପାଇଁ
ମିଛପେଣ୍ଡୁଟେ ପରି ଗଡ଼ାଇ ଦିଆଯିବ
ଏମୁଣ୍ଡ ସେମୁଣ୍ଡ
ତାଳିମାଡ଼ରେ କାନ ଅତଡ଼ା ପଡ଼ିବାପାଇଁ।

**ଫୁଲ**

**ଗାୟତ୍ରୀବାଳା ପଣ୍ଡା**

ଗୋଟେ ବିଚିତ୍ର ସଂଭାବନାରେ
ଫୁଟିଯାଉଚି
ପୃଥିବୀର ସବୁତକ ଫୁଲ।

ଫୁଲ; ତୁ ଫୁଟିଯା’ ଏବେ
ଯେହେତୁ ତତେ ଛୁଇଁନି ଏଯାଏଁ
ବିଷାକ୍ତ କୀଟ ଓ ଭଅଁର।

ଆଉଟିକକ ପରେ ତୁ ହସିବୁ
ଢେର୍ ହସିବୁ।
ତାପରେ ଆସ୍ତେ ଆସ୍ତେ
ମଳିନ ପଡ଼ିଆସିବ ତୋର ମୁହଁ
ଅସ୍ପଷ୍ଟ ହୋଇଆସିବ ଆଖିଡୋଳା
ଅଥଚ କାନ୍ଦିବୁ କାନ୍ଦିବୁ ହୋଇ
ବୁନ୍ଦେ ଲୁହ ବି
ନିଗାଡ଼ି ପାରିବୁ ନାହିଁ
ଛାତି ଫାଟିଫାଟି ଆସୁଥିବା ବେଳେ
କହିପାରିବୁ ନାହିଁ
ଏ ପୃଥିବୀ ଆଉ ମୋର ହେଇ ନାହିଁ।

ଏସବୁ ହବା କଥା ତ ହବ।
ମତେ ଲାଗିବ
ତୁ ବି ଏଇନେ ମୋର ଗୋଟାଏ ଅଂଶ
ପ୍ରଥମେ ବାଡ଼େଇ କଚାଡ଼ି ହବୁ
ପରେ ନିସ୍ତେଜ ମିଶିଯିବୁ
ଧୂଳିର ଲଲାଟେ।

ସମସ୍ତେ ଛୁଉଁଥିବେ ସେ ଧୂଳି
ବାଟୋଇ
ବଣିକ
ବିଦେଶୀ
ବିଚାରକ
ଅଥଚ କେହି କହିବେ ନାହିଁ
ସେ ଧୂଳିର ବି ଗୋଟାଏ ଆତ୍ମା ଥିଲା
ଆତ୍ମା ଭିତରେ ବିପୁଳ ଅଭିଳାଷ
ଅଭିଳାଷରେ ଅସ୍ତିତ୍ୱ
ଅସ୍ତିତ୍ୱରେ ଅସ୍ଥି
ଅସ୍ଥି ଭିତରେ ଅନୁଭବ

ଯୋଉଟା କି ଦିନେ
ଅଚାନକ ଅଂଧାର ପାଲଟିଗଲା।

କିଏ କ’ଣ ସେ ଅଂଧାରକୁ
କହିପାରିଲା
ତା’ର ଅଭିସାର !

**ଶେଷ ଦୃଶ୍ୟ**

## ଗାୟତ୍ରୀବାଳା ପଣ୍ଡା

ଅବିଶ୍ୱାସର ପ୍ରଶ୍ନ ନଥିଲା ।

ଆଖି ଟେରେଇ ଚାହିଁବା ଅର୍ଥ
ଏମିତିଆ ଉଜ୍ଜ୍ୱଳ ନକ୍ଷତ୍ରଟିଏ
କେବେ ଦିଶିନଥିଲା ଆକାଶରେ ।

କିଏ କେତେ ଗୋଡ଼ାଇଗଲେ
ପିଲାଠୁ ବୁଢ଼ାପର୍ଯ୍ୟନ୍ତ
ନକ୍ଷତ୍ରକୁ ଚାହିଁଚାହିଁ ନକ୍ଷତ୍ର ପଛରେ

କେତେକିଏ ଝୁଂଟିପଡ଼ିଲେ
ବାଙ୍ଗୀ ଭିତରେ
କିଏ କିଏ ବାଟବଣା ହେଲେ
ଅଧରାତିର ଅରଣ୍ୟରେ
କିଏ ଘୁମେଇ ଗଲେ
ବାଘର ପେଟ ଭିତରେ ତ
କିଏ ଓହଳିପଡ଼ିଲେ
ମଲାଗଛର ଡାଳରେ ।

ତଥାପି ଶେଷ ହେଲାନି ଦୌଡ଼ିବା ।

ସବୁଦିନର ଜିଦ୍‌ଖୋରିଆ
ବେପରୁଆ ଖଟିଆଟିରୁ ଚାହିଁଲି ମୁଁ
କବାଟ ଖୋଲା ରହିଚି
ଦେହ ପଡ଼ିରହିଚି
ଆତ୍ମା ଖସିଯାଇଚି ସତର୍କରେ
କାହାକୁ କିଛି ନ କହି
ଧୂଳିପଛରେ ଧୂଳିହୋଇ
ସେଇ ନକ୍ଷତ୍ର ଖୋଜାରେ ।

ଟିକିଏ ପରେ ପହଂଚିଯିବେ
ଦଳବଳ, ମୋ ଆତ୍ମୀୟ,
ଚିହ୍ନାପରିଚିତ ମୁହଁ
ଯିଏ ଟେର୍ ବି ପାଇନାହାନ୍ତି
ସେ ନକ୍ଷତ୍ରର
ରାତାରାତି ଯାବତ୍ ଧାଁଦଉଡ଼ାର ।

ତାଂକୁ ଆଶ୍ଚର୍ଯ୍ୟ ଲାଗିବ
ଏ ରହସ୍ୟ
ଏ ମୃତ୍ୟୁ
ଏ ଆକସ୍ମିକତା

ଶୋଇଥିବା କୋଳଛୁଆଟାଏ କାହାର
ଚିର୍‌ଚିରେଇ ଉଠିବ
ନୀରବତାର ପଲଙ୍କରେ ତ
ଭାସିଉଠିବ ଝଲକାଏ ଅତୀତ
ଲୁହର ବଢ଼ିପାଣିରେ

ସେ ଅତୀତ ମୋର ଥିବ ।